# ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ଉପସଭାପତି ଭାବେ ପ୍ରଫେସର ଅବଦୁଲ୍ ସଲାମ୍‌ଙ୍କୁ ଦାୟୀତ୍ୱ ପ୍ରଦାନ

**ଭୁବନେଶ୍ୱର, ତା.୨୯/୧୨ :** ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ପ୍ରଫେସର ଅବଦୁଲ୍ ସଲାମ୍‌ଙ୍କୁ ବିଜେପି ସଂଖ୍ୟା ଲଘୁ ମୋର୍ଚ୍ଚା ରାଜ୍ୟ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ଶେଖ ମହାତାବ ସୂଚନା ଦେଇଛନ୍ତି ।

ଶିକ୍ଷାବିତ୍ ପ୍ରଫେସର ସଲାମ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ସୁନାମ ଅର୍ଜନ କରିଛନ୍ତି । ପୂର୍ବରୁ ଓଡିଶା ଉର୍ଦ୍ଦୁ ଏକାଡେମୀରେ ସଂପାଦକ ଭାବେ ଦାୟୀତ୍ୱ ବହନ କରିଥିଲେ । ଦୀର୍ଘ ବର୍ଷ ଧରି ପ୍ରଫେସର ସଲାମ ବିଜେପିରେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଛନ୍ତି । ତାଙ୍କ ଯୋଗଦାନରେ ସଂଗଠନ ଆହୁରି ଅଧିକ ସୁଦୃଢ ହେବ ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ଶେଖ ମହତାବ ଦୃଢ ଆଶା ବ୍ୟକ୍ତ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**